## ସଂକ୍ଷେପରେ

### ଶିଶୁ ଶ୍ରମିକ ଉଦ୍ଧାର ପାଇଁ ମାସେ ଚାଲିବ ଚଢ଼ାଉ

ଅନୁଗୋଳ ଅଫିସ,୧୨।୬: ସମାଜରୁ ଶିଶୁ ଓ କିଶୋର ଶ୍ରମିକର ମୂଳୋତ୍ପାଟନ କରିବା ପାଇଁ ଜିଲା ଶ୍ରମ ବିଭାଗ ଓ ଜିଲା ପ୍ରଶାସନ ତରଫରୁ ଏକ ସଚେତନତା ଶୋଭାଯାତ୍ରା ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଶ୍ରମ ଆୟୁକ୍ତ ଇତିଶ୍ରୀ ଗାଗରାଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ ଦେବପ୍ରସାଦ ମହାନ୍ତି, ସହକାରୀ ଶ୍ରମଅଧିକାରୀ ଦିପ୍ତିମୟୀ ରାଉତ, ଚାଇଲ୍ଡଲାଇନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରା ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ଏହି ଆଇନ ଖିଲାପକାରୀଙ୍କୁ ୩ ବର୍ଷ ଜେଲ ଦଣ୍ଡ ସହିତ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ହେବ। ଜିଲା ଶ୍ରମ ବିଭାଗ ତରଫରୁ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର ପାଇଁ ବିଭିନ୍ନ ଢାବା, ହୋଟେଲ, ଶିକ୍ଷାନୁଷ୍ଠାନରେ ଚଢ଼ାଉ ୧ ମାସ ଧରି ଚାଲିବ। ସେହିପରି ଜିଲାକୁ ସମ୍ପୂର୍ଣ୍ଣ ଶିଶୁ ଶ୍ରମିକ ମୁକ୍ତ ଜିଲା ଭାବେ ପରିଗଣିତ କରିବା ପାଇଁ ଶ୍ରମ ଆୟୁକ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

# ସ୍ୱାଗତ କରିବାକୁ ସଜବାଜ

ଅନୁଗୋଳ ଅଫିସ, ୧୨।୬

### ରଜକୁ ନେଇ ଉଚ୍ଛନ୍ନ ହେଲାଣି ମନ



ସଜେଇ ହେଲାଣି ସହର। ଗାଁ ଗଛରେ ଲାଗିଲାଣି ଦୋଳି। ଛକ ଛକରେ ଖୋଲିଲାଣି ପାନର ପସରା। ପହିଲି ରଜକୁ ସ୍ୱାଗତ କରିବାକୁ ସବୁଠି ଆରମ୍ଭ ହୋଇଛି ସଜବାଜ। ଏଥିପାଇଁ ବଜାରରେ ବଢ଼ିଯାଇଛି ଗହଳି। ଘରେ ଘରେ ବନ୍ଧୁବାନ୍ଧବ ପହଞ୍ଚି ସାରିଥିବା ବେଳେ ଚାଲିଛି ପୋଡ଼ପିଠା ପ୍ରସ୍ତୁତି। ଏଥର ଅନୁଗୋଳ ସହରରେ ରଜ ପାଳନ କରିବାକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜନ ଶେଷ ହୋଇଛି। ପରମ୍ପରା ଉଜ୍ଜୀବିତ ରଖିବାକୁ ନାନା ପ୍ରତିଯୋଗିତା ବ୍ୟବସ୍ଥା ହୋଇଛି। ଅଳତା ଲଗା, ପୋଡ଼ପିଠା ଖିଆ, ପାନ ଭଙ୍ଗା, ଝୋଟି ଚିତା ପକାଇବା ଆଦିରେ ଭାଗ ନେବାକୁ ଝିଅମାନଙ୍କୁ ଆମନ୍ତ୍ରଣ କରାଯାଇଛି। ତାଳଚେରରେ ମଧ୍ୟ କେତେକ ଅନୁଷ୍ଠାନ ଏପରି ଆୟୋଜନ କରିଥିବା ସୂଚନା ମିଳିଛି। ଅନୁଗୋଳ ସହରର ଇକୋ ପାର୍କରେ ମଧ୍ୟ ରଜ ପର୍ବ ପାଳନ କରାଯିବ। ଏଠାରେ ପାନ, ସ୍ୱାଦିଷ୍ଟ ଖାଦ୍ୟ ଓ ଦୋଳିର ମଜା ନେବେ ଯୁବଗୋଷ୍ଠୀ। ଛୋଟ ପିଲାଙ୍କ ପାଇଁ ମନଛୁଆଁ ବ୍ୟବସ୍ଥା କରାଯାଇଛି। ବିଶେଷକରି ମିକି ମାଉସ୍ ଦୋଳି ତିଆରି କରାଯାଇଛି। ବୋଟିଂ ପାଇଁ ବୋଟ୍ ପ୍ରସ୍ତୁତ ରହିଛି। ୩ ଦିନ ଧରି ରଜ ପାଳନ ପାଇଁ ଏପରି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବାରୁ ପିଲାଙ୍କ ଠାରୁ ବୟସ୍କଙ୍କ ଯାଏ ସମସ୍ତଙ୍କ ମନରେ ଉତ୍ସାହ ଭରିଯାଇଛି।

### ଏବେ ସହରୀ ଢାଞ୍ଚାରେ ପର୍ବ



ରଜ ଆସିଲେ ପିଲାଦିନର କଥା ମନେ ପଡ଼ିଯାଏ। ସେତେବେଳେ ଘରେ ଘରେ ନାନା ପ୍ରକାର ପିଠା ପ୍ରସ୍ତୁତ ହୁଏ। ପୋଡ଼ପିଠାର ମହକ ଛୁଟୁଥାଏ। ଗାଁର ଝିଅ ବୋହୂମାନେ ମେଳି ହୋଇ ଦୋଳି ଖେଳନ୍ତି। ପୁଅମାନେ ବାଗୁଡ଼ି, ତାସ ଖେଳରେ ମଜ୍ଜି ଯାଆନ୍ତି। ହେଲେ ଏବେ ରଜରେ ସେହି ମଉଜ ଆଉ ଦେଖିବାକୁ ମିଳୁନାହିଁ। ସହରୀ ଢାଞ୍ଚାରେ ଦୋଳି ଖେଳ ହେଉଛି। ବିଭିନ୍ନ ପ୍ରତିଯୋଗିତା ଭିତରେ ରଜ ସୀମିତ ହୋଇଯାଉଛି।

-ନରେଶ ଚନ୍ଦ୍ର ସାହୁ

### ପୂର୍ବାପେକ୍ଷା ଭିନ୍ନତା ଦେଖିବାକୁ ମିଳୁଛି



ରଜ ଆସିବାର ସପ୍ତାହେ ପୂର୍ବରୁ ଗାଁ ଗାଁରେ ଦୋଳି ଲାଗି ଯାଉଥିଲା। ପିଲାଙ୍କ ସହ ଯୁବତୀ ଓ ମହିଳାମାନେ ଆଗୁଆ ଦୋଳି ଖେଳୁଥିଲେ। ଆଉ ରଜ ବେଳେ ତ ପିଠା ଗଢ଼ା, ଦୋଳି ଖେଳରେ ସମସ୍ତେ ମାତି ଯାଉଥିଲେ। ଏବେ କିନ୍ତୁ ପରିବେଶ ସମ୍ପୂର୍ଣ୍ଣ ଭିନ୍ନ ହୋଇଯାଇଛି। ଆଗ ଭଳି ଆଉ ଦୋଳି ବନ୍ଧାଯାଉନି। ରଜର ମଉଜ ସମସ୍ତଙ୍କ ମଧ୍ୟରେ ଦେଖିବାକୁ ମିଳୁନି। ସାଙ୍ଗ ସାଥୀଙ୍କ ମେଳରେ ଏ ସାହିରୁ ସେ ସାହି ବୁଲି ଦୋଳି ଖେଳ ହୋଇପାରୁ ନାହିଁ। କେବଳ ନୂଆ ଡ୍ରେସ୍ ପିନ୍ଧି ପିଲାମାନେ ବଜାର ସହର ଯାଇ ରଜ ପାଳନ କରୁଛନ୍ତି।

-ପୁଷ୍ପା ମିର୍ଦ୍ଧାପ

### ସାଙ୍ଗ ସାଥୀଙ୍କ ସହ ମଜା କରିବୁ



ରଜ ଆସିଛି ମାନେ ଜବରଦସ୍ତ ଏହାକୁ ପାଳନ କରିବୁ। ଏଥିପାଇଁ ବହୁ ପୂର୍ବରୁ ଯୋଜନା କରାଯାଇଛି। ସାଙ୍ଗମାନଙ୍କ ସହ ମିଶି ବିଭିନ୍ନ ଆଡ଼େ ବୁଲି ମଜା କରିବୁ। ସହରରେ ଲାଗିଥିବା ଦୋଳିରେ ଖେଳିବୁ। ମଙ୍ଗଳବାର ସଜବାଜ ଥିବାରୁ ସମସ୍ତ ପ୍ରସ୍ତୁତି ଶେଷ କରାଯାଇଛି। ନୂଆ ଡ୍ରେସ୍ ସହ ମେହେନ୍ଦି, ନେଲ୍ ପଲିସ ଆଦି ସାମଗ୍ରୀ ମଧ୍ୟ କିଣାଯାଇସାରିଛି। କେବଳ ରଜକୁ ଅପେକ୍ଷା। ୩ ଦିନ କିପରି ମଜାରେ କାଟିବୁ ତାହାକୁ ନେଇ ଉତ୍ସାହିତ ରହିଛୁ।

-ରିତିକା ରଥ

### ଗାଁ ବୁଲା ଛାଡ଼ି ଏବେ ବଜାର ମୁହାଁ



ରଜ ଆସିଲେ ଆମମାନଙ୍କ ମଧ୍ୟରେ ଉତ୍ସାହ ଖେଳିଯାଏ। କେମିତି ଅଧିକ ମଜା କରିବୁ ତାହାକୁ ନେଇ କେବଳ ଭାବି ହେଉଥାଉ। ନୂଆ ଡ୍ରେସ୍ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀରେ ଅନ୍ୟଠାରୁ ଭିନ୍ନ ହେବାକୁ ଇଚ୍ଛା କରିଥାଉ। ସେହିପରି ଦୋଳି ଖେଳ, ଗାଁ ବୁଲା, ସାଙ୍ଗ ସାଥୀଙ୍କ ଘରକୁ ଯାଇ ପିଠା ଖାଇବା ପାଇଁ ଇଚ୍ଛା ରଖିଥାଉ। ହେଲେ ଏବେ ରଜ ଆଉ ପୂର୍ବପରି ପାଳନ କରାଯାଉ ନାହିଁ। କେବଳ କିଣାକିଣିରେ ଅଧିକ ଅର୍ଥ ଯାହା ଖର୍ଚ୍ଚ କରାଯାଉଛି। ଦୋଳି ଲାଗିବା କମିଗଲାଣି। ଗାଁ ବୁଲା ଛାଡ଼ି ଏବେ ସମସ୍ତେ ବଜାର ମୁହାଁ। ତଥାପି ଚଳିତବର୍ଷ ରଜ ପାଇଁ ସଜବାଜ ସରିଛି। ନୂଆ ଡ୍ରେସ୍ କିଣାଯାଇଥିବାରୁ ମାମୁ ଘରକୁ ଯାଇ ପିଠ ଖାଇ ସେଠାରେ ରଜ ପାଳନ କରିବି।

-ସୁହାନୀ ପ୍ରଧାନ

### ରଜ ପାନ ଖାଇବାକୁ ଅପେକ୍ଷା କରିଛି



ଗାଁ ହେଉ କି ସହର, ରଜ ପାନ ଖଣ୍ଡେ ଖାଇବାକୁ ଯେପରି ସମସ୍ତେ ଅପେକ୍ଷାରତ। ମଙ୍ଗଳବାର ସଜବାଜ ଥିବାରୁ ଏବେଠାରୁ ସବୁଠି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଅନେକ ସ୍ଥାନରେ ଦୋଳି ଲାଗିସାରିଛି। ଛକ ବଜାରରେ ରଜପାନ ଭଙ୍ଗା ଆରମ୍ଭ ହୋଇଛି। ବିଭିନ୍ନ ପ୍ରକାରର ମସଲା ଦିଆ ପାନ ଖାଇବାକୁ ଚାହିଁ ରହିଛି। ଏଥର ସାଙ୍ଗମାନଙ୍କ ସହ ବୁଲାବୁଲି ହେବା ସେମାନଙ୍କ ସହିତ ମିଶି ରଜ ପାନ ଖାଇ ଦୋଳି ଖେଳାଯିବ।

-ପ୍ରିୟାଂଶୀ ମିଶ୍ର

## ଅବକାରୀ ଚଢ଼ାଉ, ୭ ଗିରଫ



ଗିରଫ ଅଭିଯୁକ୍ତମାନେ।

ବଇଣ୍ଡା,୧୨।୬(ଡି.ଏନ.ଏ.)

ବଇଣ୍ଡା ଓ ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ସୋମବାର ଠାକୁରଗଡ଼ ଓ ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ୭ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଠାକୁରଗଡ଼ ଥାନା ବରହମ ଗ୍ରାମର ଗଣ ମାଝି, ଉଦ୍ଧବ ଭୋଇ, ବଡ଼ଦାଦର ଗ୍ରାମର ଅମୃତି ନାୟକ, ଘୋଡାବାନ୍ଧୁଣି ଗ୍ରାମର ପ୍ରତିମା ପ୍ରଧାନ, ତେନ୍ତୁଳିପଥର ଗ୍ରାମର ରୁକ୍ମଣ ବିଶ୍ୱାଳ, କରଡ଼ାବାହାଲୀ ଗ୍ରାମର ନରେନ୍ଦ୍ର ସାହୁ, ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ସିଲି ବେହେରା। ଆଠମଲ୍ଲିକ ଅବକାରୀ ଉପ ନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ଉପ ନିରୀକ୍ଷକ ରଞ୍ଜିତା ହରିଚନ୍ଦନ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ୮୨ ୟୁନିଟ୍ ରକ୍ତ ସଂଗ୍ରହ

ତାଳଚେର,୧୨।୬(ନି.ପ୍ର.)

ବାଲେଶ୍ୱର ଜଲା ବାହାନଗାଠାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାର ଆହତମାନଙ୍କ ଚିକିତ୍ସା ସମୟରେ ରକ୍ତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲା ତାଳଚେର ଜଗନ୍ନାଥ କଳାକେନ୍ଦ୍ର ଠାରେ ଏକ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ତାଳଚେର ରେଡ୍‌କ୍ରସ୍ ସହଯୋଗରେ ଅନୁଷ୍ଠିତ ଏହି ଶିବିରକୁ ମଦନ ମୋହନ ସାହୁ ଆୟୋଜନ କରିଥିଲେ। ଏଥିରେ ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ ଯୋଗଦେଇ ରକ୍ତଦାନ କରିଥିଲେ। ଅନୁସୟା ସାହୁ, ସୋନାକ୍ଷୀ ବେହେରା, ରୁବି ସାହୁ, ସୌମ୍ୟକାନ୍ତ ସାହୁ, ରିପଞ୍ଜୟ ସାହୁ, ଜୟନ୍ତ ସାହୁ, ସୁବ୍ରତ କୁମାର ପ୍ରଧାନ, ସନ୍ଦୀପ ବେହେରା, ବ୍ରାବିମ ବିଶ୍ୱାଳ, ସୌରଭ ଦାସ, ନୀତେଶ ସାହୁ, ଅୟସକାନ୍ତ ଦଳବେହେରା, ସୋନୁ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

## ଆଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଉପରେ ଗୁରୁତ୍ୱ

ଅନୁଗୋଳ ଅଫିସ,୧୨।୬

ଅନୁଗୋଳ କେନ୍ଦ୍ରୀୟ ବିଦ୍ୟାଳୟ ନଂ. ୧ରେ ଜି-୨୦ ଚତୁର୍ଥ ଜିଲାସ୍ତରୀୟ ଶିକ୍ଷାଗତ କାର୍ଯ୍ୟସଭା ଅନୁଷ୍ଠିତ ହୋଇଯାଇଛି। ସାକ୍ଷରତା ଭିତ୍ତିଭୂମି ଓ ସାଂଖ୍ୟିକତାର ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମିତ୍ତ ଜିଲାସ୍ତରୀୟ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଡ. ଶାନ୍ତନୁ ସର, ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ଡ. ଜ୍ୟୋସ୍ନାପ୍ରିୟା ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଛେଣ୍ଡିପଦା ଡିଆଇଟିର ଟିଚର ଏଡୁକେଟର ମଦନ ସୁନ୍ଦର ପ୍ରଧାନ, ରାଜ୍ୟ ପ୍ରଶିକ୍ଷିକା ମନୋଜା ନାଏକ, ଜିଲା ପ୍ରଶିକ୍ଷକ ଶଶାଙ୍କ ଶେଖର ନାଥ, ସମଗ୍ର ଶିକ୍ଷା ଶିକ୍ଷା ସଂଯୋଜକ ମନୋରଞ୍ଜନ ସାହୁ, ଉପ ଶିକ୍ଷାମଣ୍ଡଳ ଅଧିକାରୀ ପ୍ରତିଭା ବାରିକ ଉପସ୍ଥିତ ଥିଲେ। ଏହି ସଭାରେ ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲର ଶହେରୁ ଅଧିକ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ଅଧକ୍ଷା ଜ୍ୟୋସ୍ନାପ୍ରିୟା ବେହେରା ସଭାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଡିଆଇଟିର ପ୍ରଧାନ ଜାତୀୟ ଶିକ୍ଷାନୀତି ୨୦୨୦ ଉପରେ ଆଲୋଚନା କରିବା ସହିତ ଏହାର ବିଭିନ୍ନ ଦିଗ ସମ୍ପର୍କରେ ଧାରଣା ପ୍ରଦାନ କରିଥିଲେ। ରାଜ୍ୟ ପ୍ରଶିକ୍ଷିକା ମନୋଜା ନାଏକ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ସାହୁ ଜାତୀୟ ଶିକ୍ଷାନୀତିର ଉଦ୍ଦେଶ୍ୟ ଓ ଏଥିରେ ଶିକ୍ଷକମାନଙ୍କ ଭୂମିକା ବିଷୟରେ ଅବଗତ କରିଥିଲେ। ମୁଖ୍ୟ ଅତିଥି ସର ଜି-୨୦, ଏଫଏଲ୍‌ଏନ୍‌ର ମୁଖ୍ୟ ଦିଗ ଓ ଏହାକୁ ସଫଳ କରିବା ନିମନ୍ତେ ଶିକ୍ଷକ ସମାଜ କିପରି ନିଜକୁ ପ୍ରସ୍ତୁତ କରିବା ସହିତ ଆଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଓ ନୂତନ ଜ୍ଞାନକୌଶଳଦ୍ୱାରା ଏହାର ସଫଳ ରୂପାୟନ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜି-୨୦ ଓ ଏଫ୍‌ଏଲ୍‌ଏନ୍ ଉପରେ ଆଧାରିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଶିକ୍ଷା ମଣ୍ଡଳ କାର୍ଯ୍ୟାଳୟର କର୍ମଚାରୀ, କେନ୍ଦ୍ରୀୟ ବିଦ୍ୟାଳୟ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଉପ ଶିକ୍ଷାମଣ୍ଡଳ ଅଧିକାରୀ ପ୍ରତିଭା ବାରିକ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ସଚେତନତା ସୃଷ୍ଟି ନିମନ୍ତେ ପରାମର୍ଶ

ଅନୁଗୋଳ ଅଫିସ,୧୨।୬

ଅନୁଗୋଳ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କୁମୁରିସିଂହା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ କମଳକାନ୍ତ ନାୟକ, ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି, ଅନୁଗୋଳ ଚାଇଲ୍ଡଲାଇନ ସଦସ୍ୟ ଲୋଜାଲିନ ଦାଶ, କାଉନସେଲର୍ ଚାଇଲ୍ଡ ଲାଇନ ସଦସ୍ୟ ଦିଗ୍‌ବିଜୟ ସାହୁ, ଜିଲା ଆଇନସେବା ପ୍ରାଧିକରଣ ରିଟେନର ସୁମନ୍ତ କୁମାର ବିଶ୍ୱାଳ, ଚିଫ୍ ଲିଗାଲ ଏବଂ ଡିଫେନ୍ସ କାଉନସିଲ ଦିଲୀପ କୁମାର ଦାସ, ସବ୍‌ଇନ୍ସପେକ୍ଟର ତୁଷାରକାନ୍ତ ମହାନ୍ତି, ଆସିଷ୍ଟାଣ୍ଟ ଲିଗାଲ ଏବଂ ଡିଫେନ୍ସ କାଉନସିଲ ଅଲେଖ କୁମାର ସାହୁ, କୁମୁରିସିଂହା ସରପଞ୍ଚ ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କ ବିକାଶରେ ଦେଶର ବିକାଶ। କିନ୍ତୁ ଆଜି ବି ଅନେକ ଶିଶୁଙ୍କୁ ଦୋକାନ, ହୋଟେଲ ଓ ଘରୋଇ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଶିଶୁମାନଙ୍କୁ ଏପରି କାର୍ଯ୍ୟରେ ନିୟୋଜିତ କରିବା ଦଣ୍ଡନୀୟ। ଏ ଦିଗରେ ସବୁ ସ୍ତରରେ ସଚେତନତା ସୃଷ୍ଟି କରାଯିବା ଉପରେ ଅତିଥି ମାନେ ଗୁରୁତ୍ୱାରୋପ କରିଥିଲେ। ଏହାସହିତ ଶିଶୁମାନଙ୍କ ନିମନ୍ତେ ଥିବା ଆଇନ ବିଷୟରେ ଅବଗତ କରାଯାଇଥିଲା। କୁମୁରିସିଂହା ପଞ୍ଚାୟତବାସୀ ଉପସ୍ଥିତ ଥିଲେ।




ଶିଶୁ ଶ୍ରମିକ ନିରୋଧ ଦିବସ ଅବସରରେ ଉପସ୍ଥିତ ଅଧିକାରୀମାନେ।

## ୭୬ ଅଭିଯୋଗର ଶୁଣାଣି

ଅନୁଗୋଳ ଅଫିସ,୧୨।୬

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୬ଟି ଅଭିଯୋଗ ଦାଖଲ ହୋଇଥିଲା। ଉକ୍ତ ଅଭିଯୋଗଗୁଡ଼ିକ ମଧ୍ୟରୁ ୬୪ଟି ବ୍ୟକ୍ତିଗତ ଓ ୧୨ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାଛଡ଼ା ୧୮ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୨ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏ ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ରାସ୍ତା, ଶିକ୍ଷା, ଜମିଜମା ବିବାଦ, ଭୂମିହୀନ, ପାରିବାରିକ କଳହ, ଆଧାର କାର୍ଡ, ଭିନ୍ନକ୍ଷମ ସମସ୍ୟା, ଏଡ୍‌ସ ସମସ୍ୟାର ନିରାକରଣ, ପାନୀୟ ଜଳ ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଡେପୁଟି କଲେକ୍ଟର ମଧୁସ୍ମିତା ବିଶି, ମିନର୍ଭା ନାୟକ ଓ ସତ୍ୟାନନ୍ଦ ଦାସଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ଜନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

## ଅସଦାଚରଣ ଅଭିଯୋଗ, ଜଣେ ଗିରଫ

କଣିହାଁ,୧୨।୬(ଡି.ଏନ.ଏ.)

ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ କଣିହାଁ ଥାନା ପୋଲିସ ସୋମବାର ବଡଗୁଣ୍ଡୁରୀ ଗ୍ରାମର ରଣଜିତ୍ ନାଏକ (୩୦)ଙ୍କୁ ଗିରଫ କରିଛି। ଥାନା ଆଇଆଇସି କିଶୋର କୁମାର ସାମଲ, ତଦନ୍ତକାରୀ ଅଧିକାରୀ ଅରୁଣ କୁମାର ପଣ୍ଡା କହିଛନ୍ତି, ରଣଜିତ୍ ଶନିବାର ନିଜ ଗ୍ରାମର ଜୈନିକ ମହିଳାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ସମ୍ପୃକ୍ତ ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୧୯/୨୩ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ମଧ୍ୟାହ୍ନଭୋଜନ ଚାଉଳ ଚୋରି

ରାସୋଳ,୧୨।୬(ଡି.ଏନ.ଏ.)

ହିନ୍ଦୋଳ ଶିକ୍ଷା ଜିଲା ସରକାରୀ ଉଚ୍ଚ ବିଦ୍ୟାଳୟ ନାଉକିଆରୀ ସ୍କୁଲରୁ ରବିବାର ବିଳମ୍ବିତ ରାତିରେ ମଧ୍ୟାହ୍ନଭୋଜନ ଚାଉଳ ଚୋରି ହୋଇଛି। ଏ ନେଇ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଗିତାରାଣୀ ବେହେରା ରାସୋଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କହିଛି, ସ୍କୁଲ କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୨୬ ବସ୍ତା ଚୋରି କରି ନେଇଛନ୍ତି। ସୋମବାର ସକାଳେ ଚାଉଳ ଚୋରି ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ପ୍ରଧାନଶିକ୍ଷୟିତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## କେନ୍ଦୁପତ୍ର ତୋଳାଳିଙ୍କ ସମାବେଶ, ଦାବିପତ୍ର ପ୍ରଦାନ

ଅନୁଗୋଳ ଅଫିସ,୧୨।୬

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଆହ୍ୱାନ କ୍ରମେ ସୋମବାର ରାଜ୍ୟ ଉପ ସଭାପତି ଗୋକୁଳ ମେହେର ଓ ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜାଙ୍କ ନେତୃତ୍ୱରେ ଅନୁଗୋଳ ଡିଭିଜନ ପକ୍ଷରୁ ଏକ ବିଶାଳ ସମାବେଶ ସହ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜଗନ୍ନାଥ ମନ୍ଦିର ଠାରୁ ସହସ୍ରାଧିକ କେନ୍ଦୁପତ୍ର ତୋଳାଳି ଏବଂ କର୍ମଚାରୀ ଶୋଭାଯାତ୍ରା ମାଧ୍ୟମରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରତିବାଦ ସଭା କରିଥିଲେ। ଏଥିରେ ରାଜ୍ୟ ସମ୍ପାଦକ ଉପସ୍ଥିତ ରହି ବିଭିନ୍ନ ଦାବି ଉପସ୍ଥାପନା କରିଥିଲେ। ସମ୍ପାଦକ କହିଥିଲେ, କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ ଏବଂ ବନ୍ଧେଇ ଶ୍ରମିକମାନେ ୨୦୧୪-୧୫ ମସିହାରେ ତଥା ପ୍ରୋତ୍ସାହନ ଏବଂ ସାମାଜିକ ନିରାପତ୍ତାମୂଳକ ବିଭିନ୍ନ ସହାୟତା ୨୦୨୨ ମସିହା ପର୍ଯ୍ୟନ୍ତ ପାଇ ଆସୁଛନ୍ତି। କିନ୍ତୁ ଚଳିତ ବର୍ଷ ୨୦୨୨ ମସିହା କେନ୍ଦୁପତ୍ର ସଂସ୍ଥାର ଲାଭାଂଶ ବଣ୍ଟନ ବେଳେ ବୋନସ ଦେବାରେ ବ୍ୟତିକ୍ରମ କରାଯାଇ ବୋନସ ଦିଆ ଯାଇନାହିଁ। ଫଳରେ କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ, ବନ୍ଧେଇ ଶ୍ରମିକମାନେ କ୍ଷତିଗ୍ରସ୍ତ ହେବାକୁ ଯାଉଛନ୍ତି। ଆର୍ଥିକ ସହାୟତା ନାମରେ




କେନ୍ଦୁପତ୍ର କର୍ମଚାରୀ ସଂଘ ସଦସ୍ୟମାନେ ବିଶାଳ ଶୋଭାଯାତ୍ରାରେ ଯାଉଛନ୍ତି।

ଦିଆ ଯାଇଥିବା ୧୦୦୦ ଏବଂ ୧୫୦୦ ଟଙ୍କାକୁ ସରକାର ନିଜର ରାଜକୋଷରୁ ଦେଲେ ସଂଘ ତାକୁ ସାଗତ କରିବ। କିନ୍ତୁ ବୋନସ ନ ଦେଇ କେନ୍ଦୁପତ୍ର ଲାଭାଂଶରୁ ଆର୍ଥିକ ସହାୟତା ଦେବା ଯୋଗୁ ତୋଳାଳି ଏବଂ ଅଧିକାଂଶ କର୍ମଚାରୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏହା ସହିତ କନ୍ୟା ବିବାହ ପାଇଁ ୫୦ ହଜାର ଟଙ୍କା, ସାମଜିକ ନିରାପତ୍ତା ସହାୟତା, ଦୀର୍ଘ ୫ ବର୍ଷ ହେଲା ସିଜିନାଲ କର୍ମଚାରୀମାନଙ୍କ ମାସିକ ମଜୁରି ବୃଦ୍ଧି କରା ନ ଯିବା ଯୋଗୁ ହଜାର ହଜାର କର୍ମଚାରୀ ଆର୍ଥିକ ସଙ୍କଟରେ ଗତି କରୁଛନ୍ତି। ଏଣୁ ଅତିଶୀଘ୍ର ସର୍ବନିମ୍ନ ମଜୁରି ଘୋଷଣା ପାଇଁ ଦାବି କରାଯାଇଛି। ସଂଘ ରାଜ୍ୟ ଉପସଭାପତି ଗୋକୁଳ ମେହେର ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଛାତ୍ର ବୃତ୍ତି ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧାପନ୍ତରିଆ ଭାବରେ ଥିବାରୁ ତାହାକୁ ଅତିଶୀଘ୍ର ବୃତାନ୍ତ କରିବା ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିନ୍ଦ ମଜଦୁର ସଭାର ରାଜ୍ୟ ସମ୍ପାଦକ ତ୍ରିଲୋଚନ ପ୍ରଧାନ, ଜିଲା ହିନ୍ଦ୍ ମଜଦୁର ସଭାର ପ୍ରତିନିଧି ହର୍ଜିନ୍ଦର୍ ସିଂହ, ସାମାଜିକ କର୍ମୀ ଅଶୋକ ମହାନ୍ତି, ଦେଓଗଡ଼ ଡିଭିଜନ ସମ୍ପାଦକ ଭୂପିନ୍ଦର ପ୍ରସାଦ ନାୟକ, ଅନୁଗୋଳ ଡିଭିଜନ ଯୁଗ୍ମ ସମ୍ପାଦକ ବିନୋଦ ଜେନା, ସତ୍ୟନାରାୟଣ ସାହୁ, ନବ କିଶୋର ବେହେରା, ରମେଶ ସାହୁ, ଶ୍ରୀକର ସାହୁ, ବାସନ୍ତୀ ପ୍ରଧାନ, ବୀଣାପାଣି ପ୍ରଧାନ, ତିଳୋତ୍ତମା ନାୟକ, ମମତା ସେଠୀ, ମିନତୀ ସେଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ସଂକ୍ଷେପରେ

### 'ମୋ ଜଗନ୍ନାଥ' ଭଜନରେ କଣ୍ଠଦାନ କଲେ ଶୁଭଶ୍ରୀ



ଢେଙ୍କାନାଳ ଅଫିସ,୧୨।୬: ଗୀତିକାର ଡ. ନିର୍ମଳ ନାୟକ ଓ ସଙ୍ଗୀତ ନିର୍ଦ୍ଦେଶକ ଗୁଡୁଲି ରଥଙ୍କ ନିର୍ଦ୍ଦେଶନାରେ ଓଡ଼ିଶାର ପ୍ରତ୍ୟେକ ଜିଲାର କଣ୍ଠଶିଳ୍ପୀଙ୍କୁ ନେଇ ଭକ୍ତିର ଗାଥା ମୋ ଜଗନ୍ନାଥ ଭଜନ ମୁକ୍ତିଲାଭ କରିବାକୁ ଯାଉଛି। ଏଥିପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଏହି ଗୀତରେ ଓଡ଼ିଶାର ୩୦ଟି ଜିଲାରୁ ୩୦ଜଣ କଣ୍ଠଶିଳ୍ପୀ କଣ୍ଠଦାନ କରିଛନ୍ତି। ତନ୍ମଧ୍ୟରେ ଢେଙ୍କାନାଳ ସହର ଦକ୍ଷିଣକାଳୀ ଅଞ୍ଚଳର କଣ୍ଠଶିଳ୍ପୀ ସୁଶ୍ରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ରହିଛନ୍ତି। ସେ ସୂର୍ଯ୍ୟକାନ୍ତ ନାୟକ ଓ ଗୀତାଞ୍ଜଳି ନାୟକଙ୍କ ଜ୍ୟେଷ୍ଠ କନ୍ୟା। ମଙ୍ଗଳବାର ଗୀତର ଭଏସ୍ ଡବିଂ ଭୁବନେଶ୍ୱରର ଏକ ଷ୍ଟୁଡିଓଠାରେ ହେବ ବୋଲି ଶୁଭଶ୍ରୀ ସୂଚନା ଦେଇଛନ୍ତି।

# ବିରାଶାଳ ଏୟାରଷ୍ଟ୍ରିପ୍ ଉନ୍ନତୀକରଣରେ ମନ୍ଥରତା

■ଗତି ଓ ପୂର୍ତ୍ତ ବିଭାଗ ପରସ୍ପରକୁ ଦୋଷ ଠେଲାଠେଲି

■ତୁରନ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଲେ ଜିଲାପାଳ

ଢେଙ୍କାନାଳ ଅଫିସ,୧୨।୬

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ବିରାଶାଳଠାରେ ଥିବା ଗଭର୍ନମେଣ୍ଟ ଆଭିଏଶନ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ (ଗତି) ଦ୍ୱାରା ପରିଚାଳିତ ସରକାରୀ ବିମାନ ଉଡ଼ାଣ ପ୍ରଶିକ୍ଷଣ କେନ୍ଦ୍ରର ଉନ୍ନତୀକରଣ କାର୍ଯ୍ୟରେ ବ୍ୟାପକ ମନ୍ଥରତା ଦେଖାଯାଇଛି। ଏହାକୁ ନେଇ ସୋମବାର ମଧ୍ୟାହ୍ନରେ ଜିଲା କାର୍ଯ୍ୟାଳୟରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗତି ଓ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ବସିଥିଲା। ଏଥିରେ ଉନ୍ନତୀକରଣ କାର୍ଯ୍ୟରେ ବିଳମ୍ବକୁ ନେଇ ଗତି ଓ ପୂର୍ତ୍ତ ବିଭାଗ ପକ୍ଷରୁ ପରସ୍ପର ଉପରକୁ ଦୋଷ ଠେଲାଠେଲି ହୋଇଥିଲା। ତେବେ ତୁରନ୍ତ ଉନ୍ନତିମୂଳକ କାର୍ଯ୍ୟ ସାରିବାକୁ ଜିଲାପାଳ ସରୋଜ କୁମାର ସେଠୀ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେବା ସହିତ ଏଥିରେ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଗତି କର୍ତ୍ତୃପକ୍ଷଙ୍କୁ କହିଥିଲେ।

ବିରାଶାଳ ଏୟାରଷ୍ଟ୍ରିପ୍‌ଠାରେ ୨୦୧୯ ମସିହାରେ ବିମାନ ଉଡ଼ାଣ ପ୍ରଶିକ୍ଷଣ କେନ୍ଦ୍ରର ଶୁଭାରମ୍ଭ ହୋଇଥିଲା। ବର୍ତ୍ତମାନ ଏଠାରେ ଦିଲ୍ଲୀ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ବିହାର, ରାଜସ୍ଥାନ, ପଞ୍ଜାବ, ଉତ୍ତରପ୍ରଦେଶ, କର୍ଣ୍ଣାଟକ ଓ ଓଡ଼ିଶାର ପ୍ରାୟ ୪୦ ଛାତ୍ରୀଛାତ୍ର ପାଇଲଟ୍ ପ୍ରଶିକ୍ଷଣ ନେଉଛନ୍ତି। ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କ ରହିବା ପାଇଁ ସ୍ଥାୟୀ ଘର ନ ଥିବା ବେଳେ ସେମାନଙ୍କୁ ଉକ୍ତ ଅଞ୍ଚଳରେ ଭଡ଼ାଘରେ ରଖାଯାଇଛି। ହଷ୍ଟେଲ ନିର୍ମାଣ ହେବା ପର୍ଯ୍ୟନ୍ତ କାମାକ୍ଷାନଗର ରେଙ୍ଗାଳି ବାମ କେନାଲ ପରିସରରେ ବ୍ୟବହାର ନ ହୋଇ ପଡିଥିବା ଘରଗୁଡ଼ିକରେ ଛାତ୍ରୀଛାତ୍ରମାନେ ରହିବା ପାଇଁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଏହି ଘରଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଯାଇଛି। ସେହିପରି ବିମାନ ଉଡାଣ କେନ୍ଦ୍ର ପରିସରରେ ନିଜସ୍ୱ ବିଦ୍ୟୁତ୍ ବ୍ୟବସ୍ଥା କରାଯିବା ଜରୁରୀ ହୋଇପଡିଛି। ଟ୍ରାଫିକ କଣ୍ଟ୍ରୋଲ ଟାୱାର ଠିକ୍ ଭାବେ ନିର୍ମାଣ ହୋଇ ନ ଥିବାରୁ ଏହା ବିମାନ ଉଡ଼ାଉଥିବା ଛାତ୍ରୀଛାତ୍ରଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ସେହିପରି ୧୦ଟି ପ୍ରଶିକ୍ଷଣ ବିମାନ ରହିବା ଭଳି ଏକ ହ୍ୟାଙ୍ଗର ମଧ୍ୟ ନିର୍ମିତ ହେଉଛି। ଅଧିକାରୀ, କର୍ମଚାରୀ ଓ ପ୍ରଶିକ୍ଷକ ରହିବା ପାଇଁ କ୍ୱାର୍ଟର୍ସ ନାହିଁ। ପାନୀୟଜଳ, କ୍ୟାଣ୍ଟିନ ଓ ଜିମ୍ ବ୍ୟବସ୍ଥାର ଆବଶ୍ୟକତା ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଟ୍ରାଫିକ କଣ୍ଟ୍ରୋଲ ଟାୱାର ନିର୍ମାଣ ଶୈଳୀ ନିୟମ ଅନୁଯାୟୀ କରାଯାଇ ନ ଥିବା ଗତି କର୍ତ୍ତୃପକ୍ଷ ଅଭିଯୋଗ କରିଥିବା ବେଳେ ବୈଷୟିକ ନିର୍ମାଣ କାର୍ଯ୍ୟରେ ଡିଜାଇନ୍ ପ୍ରଦାନ କରାଯାଉ ନାହିଁ କିମ୍ବା ଗତିର କୌଣସି ବୈଷୟିକ ଅଧିକାରୀ ଉପସ୍ଥିତ ରହୁ ନ ଥିବା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି। ବୈଠକରେ ଉଭୟପକ୍ଷଙ୍କ ସହ ଆଲୋଚନା କରିବା ପରେ ପୂର୍ତ୍ତ ବିଭାଗ ତୁରନ୍ତ ଉନ୍ନତୀକରଣ କାର୍ଯ୍ୟ ସାରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏଥିରେ ପୂର୍ତ୍ତ ବିଭାଗକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଜିଲାପାଳ ଗତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିରାଶାଳ ବିମାନ ଉଡ଼ାଣ କେନ୍ଦ୍ରକୁ ବିଜୁ ପଟ୍ଟନାୟକ ବିମାନ ଉଡ଼ାଣ ଏକାଡେମୀ କରିବା ପ୍ରସ୍ତାବକୁ ନେଇ ଆଲୋଚନା ଜାରି ରହିଛି। ଏହାର ରନ୍‌ୱେର ଲମ୍ବା ୪ ହଜାର ଫୁଟ ଓ ଓସାର ୮୦ ଫୁଟ। ୫ ଜଣ ପ୍ରଶିକ୍ଷକ ଏଠାରେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ବିମାନ ଉଡ଼ାଣ କେନ୍ଦ୍ରକୁ ଆନ୍ତର୍ଜାତିକ ସ୍ତରରେ ଏକ ପ୍ରମୁଖ ପ୍ରତିଷ୍ଠାନ ଭାବେ ଗଢି ତୋଳିବା ପାଇଁ ପ୍ରଥମ ପର୍ଯ୍ୟାୟରେ ୨୭୫ କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି। ଏଥିପାଇଁ ଅଧିକ ୧୮୮.୭୭ ଏକର ଜମି ଅଧିଗ୍ରହଣ କରାଯିବ। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ୫୦୦ ଛାତ୍ରୀଛାତ୍ର ଯେପରି ପ୍ରଶିକ୍ଷଣ ନେଇପାରିବେ ସେ ପ୍ରକାର ବ୍ୟବସ୍ଥା କରାଯିବ ବୋଲି ଆଲୋଚନାରୁ ଜଣାପଡିଛି।



ବିରାଶାଳ ଏୟାରଷ୍ଟ୍ରିପ୍।

ଏ ସଂକ୍ରାନ୍ତରେ ଗତିର ପରିଚାଳନା ନିର୍ଦ୍ଦେଶକ କ୍ୟାପଟେନ୍ ଜେଟି ଧିଲନ କହିଛନ୍ତି, ବିରାଶାଳ ବିମାନ ଉଡ଼ାଣ ପ୍ରଶିକ୍ଷଣ କେନ୍ଦ୍ରର ଉନ୍ନତୀକରଣ ହେଲେ ଏହି ଅଞ୍ଚଳର ଭୌଗୋଳିକ ଚିତ୍ର ବଦଳିଯିବ। ବର୍ତ୍ତମାନ ଏଠାରେ ୪ଟି ବିମାନ ରହିଛି। ଆଗକୁ ଅଧିକ ବିମାନ ପ୍ରଶିକ୍ଷଣ ପାଇଁ ଆସିବ। ଗତବର୍ଷ ବିଦ୍ୟୁତ୍ ସମସ୍ୟା ବହୁତ ରହିଥିଲା। କିନ୍ତୁ ଚଳିତବର୍ଷ କେବୁଲ ଯୋଗେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯାଉଛି। ସରକାର ସମସ୍ତ ସହଯୋଗ କରୁଛନ୍ତି। ୫ବର୍ଷ ମଧ୍ୟରେ ବିମାନ ଉଡାଣ ପ୍ରଶିକ୍ଷଣ କେନ୍ଦ୍ରର ନବକଳେବର ସମ୍ପୂର୍ଣ୍ଣ ହୋଇଯିବ। ଏହାର ରନ୍‌ୱେକୁ ୬ହଜାର ଫୁଟ ଲମ୍ବା କରାଯିବ। ଫଳରେ ୨୦ସିଟ୍ ବିଶିଷ୍ଟ ବିମାନ ମଧ୍ୟ ଏଠାରେ ଅବତରଣ କରାଯାଇପାରିବ। ସ୍ଥାନୀୟ ଲୋକମାନଙ୍କ ଜୀବନ ଜୀବିକାରେ ମଧ୍ୟ ଉନ୍ନତି ହେବ। ପୂର୍ତ୍ତ ବିଭାଗ ମୁଖ୍ୟ ନିର୍ମାଣ ଅଧୀକ୍ଷଣ ଯନ୍ତ୍ରୀ ଅଶୋକ କୁମାର ଗିରି କହିଛନ୍ତି, ବିରାଶାଳ ଏୟାରଷ୍ଟ୍ରିପରେ ଉନ୍ନତୀକରଣ କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା କରାଯାଉଛି। ବୈଷୟିକ ନିର୍ମାଣ ସମୟରେ ଗତି କର୍ତ୍ତୃପକ୍ଷ ଉପସ୍ଥିତ ରହୁ ନ ଥିବାରୁ ସମସ୍ୟା ହେଉଛି। ଫଳରେ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ପ୍ରକଳ୍ପ ନିର୍ମାଣରେ ଅସୁବିଧା ଉପୁଜୁଛି। ତେଣୁ ବୈଷୟିକ କାର୍ଯ୍ୟ ପାଇଁ ନିର୍ମାଣ ସମୟରେ ଗତି କର୍ତ୍ତୃପକ୍ଷ ଉପସ୍ଥିତ ରହିବା ପାଇଁ ଜଣାଇ ଦେଉଛୁ। ଏ ସମ୍ପର୍କରେ ଜିଲାପାଳ ସରୋଜ କୁମାର ସେଠୀ କହିଛନ୍ତି, ଭାରତବର୍ଷର ଏକମାତ୍ର ସରକାରୀ ବିମାନ ଉଡ଼ାଣ ପ୍ରଶିକ୍ଷଣ କେନ୍ଦ୍ର ଭାବେ ବିରାଶାଳ ଏୟାରଷ୍ଟ୍ରିପ୍ ପରିଚିତ। ଏହାର ଉନ୍ନତୀକରଣ କାର୍ଯ୍ୟ ରାଜ୍ୟ ସରକାରଙ୍କ ଅନୁଦାନରେ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଉଛି। ଆଗକୁ ପ୍ରାୟ ୫୦୦ ଛାତ୍ରୀଛାତ୍ର କିପରି ତାଲିମ ନେଇପାରିବେ ସେଥିପାଇଁ ବ୍ୟବସ୍ଥା ହେଉଛି। ଅଳ୍ପ ଦିନରେ ଏହାକୁ ଏସିଆର ବଡ ସରକାରୀ ବିମାନ ପ୍ରଶିକ୍ଷଣ କେନ୍ଦ୍ର କରିବାକୁ ପ୍ରୟାସ ଜାରି ରହିଛି। ଏହି ଆଲୋଚନାରେ ଗତି ପ୍ରତିଷ୍ଠାନର ବିରାଶାଳ ଏୟାରଷ୍ଟ୍ରିପ୍ ଦାୟିତ୍ୱରେ ଥିବା ଜିଏମ୍ କର୍ନେଲ ସୋନାଲୀ ରଥ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର, କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ପୂର୍ତ୍ତ ବିଭାଗ ମୁଖ୍ୟ ନିର୍ମାଣ ଅଧୀକ୍ଷଣ ଯନ୍ତ୍ରୀ ଅଶୋକ କୁମାର ଗିରଙ୍କ ସମେତ ଟିପିସିଓଡିଏଲ, ବିଏସ୍‌ଏନ୍‌ଏଲ୍ କର୍ତ୍ତୃକ୍ଷ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକ ସାରି ଫେରୁଛନ୍ତି ଜିଲାପାଳ ସରୋଜ କୁମାର ସେଠୀ, ଗତିର ଏମ୍‌ଡି ଜେଟି ଧିଲନ ଓ ଅନ୍ୟ କର୍ମକର୍ତ୍ତା।

# ଢେଙ୍କାନାଳ-କପିଳାସ ରାସ୍ତା ଅବରୋଧ

ଢେଙ୍କାନାଳ ଅଫିସ,୧୨।୬

### କାଳ ବୈଶାଖୀରେ ଗଛ ଉପୁଡ଼ିଲା

ସୋମବାର ସନ୍ଧ୍ୟାରେ ପ୍ରବଳ ବର୍ଷା ପବନ ଯୋଗୁ ଢେଙ୍କାନାଳ-ଯୋରନ୍ଦା ଓ କପିଳାସ ରାସ୍ତାର କାଇମାଟିଠାରେ ବହୁ ଗଛ ଉପୁଡି ରାସ୍ତା ଉପରେ ପଡିଥିଲା। ଫଳରେ ରାସ୍ତା ଅବରୋଧ ହେବାରୁ ଏହି ବାଟଦେଇ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଗୋଟିଏ ଗଛ ଏକ କ୍ୟାବିନ ଉପରେ ପଡିଯିବାରୁ ତାହା ଭାଙ୍ଗିରୁଜି ଯାଇଛି। ଖବରପାଇ ଢେଙ୍କାନାଳ ଅଗ୍ନିଶମ ସେବା ସଂସ୍ଥା ତଥା ଓଡ୍ରାଫ୍ ଟିମର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଗଛଗୁଡିକୁ କାଟି ଜେସିବି ସାହାଯ୍ୟରେ ରାସ୍ତାରୁ ହଟାଇବା ପରେ ରାତିରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସେହିପରି କାଳବୈଶାଖୀ ଯୋଗୁ କାଇମାଟି ଅଞ୍ଚଳରେ ବିଭିନ୍ନ ସ୍ଥାନରେ ରାସ୍ତା କଡରେ ଥିବା ବିଦ୍ୟୁତ୍ ଖୁଣ୍ଟ ଉପୁଡି ଯାଇଥିବା ବେଳେ ବିଦ୍ୟୁତ୍ ତାର ଛିଣ୍ଡି ତଳେ ପଡିଥିବାର ଦେଖାଯାଇଛି। ଫଳରେ ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି।



ଗଛକୁ କାଟି ରାସ୍ତା ଅବରୋଧ ହଟାଯାଉଛି।

# ଡିଜିଟାଲ ମିଡିଆ ଆସୋସିଏଶନ ବାର୍ଷିକ ଉତ୍ସବ



ଗଁଦିଆ ଡିଜିଟାଲ ମିଡିଆ ଆସୋସିଏଶନର ବାର୍ଷିକ ଉତ୍ସବ ଅବସରରେ ଉପସ୍ଥିତ ଅତିଥିମାନେ।

ଢେଙ୍କାନାଳ ଅଫିସ,୧୨।୬

ଢେଙ୍କାନାଳ ଜିଲା ଗଁଦିଆ ଡିଜିଟାଲ ମିଡିଆ ଆସୋସିଏଶନର ତୃତୀୟ ବାର୍ଷିକ ଉତ୍ସବ ବ୍ଲକ ସଭା ଗୃହରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଚାପରେ ଚେପା ଚତୁର୍ଥ ସ୍ତମ୍ଭ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆସୋସିଏଶନ ସଭାପତି ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ବ୍ଲକ ଅଧ୍ୟକ୍ଷା ରିନାରାଣୀ ଖଟୁଆ ମୁଖ୍ୟ ଅତିଥି ଏବଂ ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ, ଜିଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ସତ୍ୟସ୍ୱରୂପ ଦାସ, ଶିକ୍ଷାବିତ୍ ଡ. ସମୀର କୁମାର ସାହୁ, ଗଁଦିଆ ପ୍ରେସ୍ କ୍ଲବ ସଭାପତି ମହେନ୍ଦ୍ର କୁମାର ସାହୁ, ଥିଙ୍କର୍ସ ଫୋରମ ସଭାପତି ସୁବ୍ରତ କୁମାର ସାହୁ, ଜିଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ରୁବି ବିଶ୍ୱାଳ, ବିଧାୟକଙ୍କ ପ୍ରତିନିଧି ନିରାକାର ସାହୁ, ଯୁବନେତା ପ୍ରଦୀପ କୁମାର ରାଉତ, ଭୁବନ ସାମ୍ବାଦିକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଶିକ୍ଷାବିତ୍ ହରିହର ସାହୁ, ପୁଷ୍ପଲତା ସାମଲ ପ୍ରମୁଖ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ସମ୍ପାଦକ ମନୋଜ ସାହୁ ବିବରଣୀ ପାଠ କରିଥିଲେ। ଉପସଭାପତି ରଶ୍ମିତା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଢେଙ୍କାନାଳ ଜିଲା ସାମ୍ବାଦିକ ସଂଘ ଉପସଭାପତି ଅଭୟ କୁମାର ସାହୁ, ଶିକ୍ଷାବିତ୍ ଦୀପ୍ତିମୟୀ ଲେଙ୍କାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, କୃତୀ ଛାତ୍ରୀଛାତ୍ର ଏବଂ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଲକ୍ଷ୍ମୀପୂଜା କମିଟିର ନୂତନ କର୍ମକର୍ତ୍ତା

ଢେଙ୍କାନାଳ ଅଫିସ,୧୨।୬

ଢେଙ୍କାନାଳ ସହର ସୂର୍ଯ୍ୟମଣ୍ଡପଠାରେ ଜବାହାରଚୌକ ଲକ୍ଷ୍ମୀପୂଜା ପ୍ରତିଷ୍ଠାନର ଏକ ସାଧାରଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ସଭାପତି ନବୀନଚନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବଜାର ଟ୍ରଷ୍ଟ ବୋର୍ଡର ସଦସ୍ୟ ଦୀପକ କୁମାର ସ୍ୱାଇଁଙ୍କ ଅକାଳ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାପତିଙ୍କ ଅନୁମୋଦନ କ୍ରମେ ୨୦୨୨ ଲକ୍ଷ୍ମୀପୂଜାର ଆୟବ୍ୟୟ ହିସାବ ସାଧାରଣ ସମ୍ପାଦକ ସୁଧାଂଶୁ ଦଳେଇ ପଠନ କରିଥିଲେ। ଜବାହାରଚୌକ ଲକ୍ଷ୍ମୀପୂଜା ମଣ୍ଡପର ନୂତନ ଗୃହ ନିର୍ମାଣ ପାଇଁ ବିଧାୟକ ତାଙ୍କ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଅନୁଦାନ ଦେଇଥିବାରୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା। ଏଥିସହ ଚଳିତ ୨୦୨୩ ବର୍ଷ ପାଇଁ ବଜାର କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଲକ୍ଷ୍ମୀପୂଜା ପ୍ରତିଷ୍ଠାନର ଚେୟାରମ୍ୟାନ୍ ତଥା ସେକ୍ରେଟାରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ସଭାପତି ଭାବେ ଅଶୋକ କୁମାର ସ୍ୱାଇଁ, ଉପସଭାପତି ଭାବେ ରବିନାରାୟଣ ମହାନ୍ତି, ଜୟକାନ୍ତ ଦାସ, ସାଧାରଣ ସମ୍ପାଦକ ସୁଧାଂଶୁ କୁମାର ଦଳେଇ, ସହ ସମ୍ପାଦକ ବିକାଶ କୁମାର ସ୍ୱାଇଁ, ଶକ୍ତି ପ୍ରସାଦ ମହାପାତ୍ର ଏବଂ କୋଷାଧ୍ୟକ୍ଷ ଭାବେ ନାରାୟଣ ପୋଦାରଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଏହାପରେ ସଭାପତିଙ୍କ ଅନୁମୋଦନ କ୍ରମେ ଚଳିତବର୍ଷ ଲକ୍ଷ୍ମୀପୂଜା ଏବଂ ମା'ଙ୍କ ନୂତନ ପୂଜା ମଣ୍ଡପ ନିର୍ମାଣ ପାଇଁ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରାଯାଇଥିଲା। ସାଧାରଣ ସମ୍ପାଦକ ନୂତନ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ।

# ୩ ଦିନ ହେବ ବିଦ୍ୟୁତ୍ ନାହିଁ

ତାଳଚେର,୧୨।୬(ନି.ପ୍ର.)

ତାଳଚେର ବ୍ଲକ କଣ୍ଠେଇ ପଞ୍ଚାୟତ ତାଳବେ ଗ୍ରାମରେ ବିଦ୍ୟୁତ୍ ସେବା ଘୋର ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ହୋଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଗତ ୭୨ଘଣ୍ଟା ହେବ ଗ୍ରାମବାସୀ ବିଜୁଳି ସେବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଗରମ ଓ ଗୁଳୁଗୁଳିରେ ଗ୍ରାମବାସୀ ଆଉଟୁପାଉଟୁ ହେଉଥିବା ବେଳେ ବୟସ୍କ ଓ ଶିଶୁମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତାଳବେରେ ଥିବା ଟିପିସିଓଡିଏଲ କାର୍ଯ୍ୟାଳୟରେ ସବୁବେଳେ ତାଲା ଝୁଲୁଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ଗ୍ରାମବାସୀ କମ୍ପାନୀର ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଉପଭୋକ୍ତାମାନେ କହିଛନ୍ତି। ଗ୍ରାମର ବିଦ୍ୟୁତ୍ ଦାୟିତ୍ୱରେ ଥିବା ଟିପିସିଓଡିଏଲର ଏସ୍‌ଡିଓ ଓ ଜେଇଙ୍କୁ ତୁରନ୍ତ ଏଠାରୁ ବଦଳି କରିବାକୁ ଗ୍ରାମ ସଭାପତି ଆନନ୍ଦ ଆଚାର୍ଯ୍ୟ ଦାବି କରିଛନ୍ତି।

# ଢେଙ୍କାନାଳରେ ଅସହ୍ୟ ତାତି

ଢେଙ୍କାନାଳ ଅଫିସ,୧୨।୬

### ୪୩ ଡିଗ୍ରୀ ଟପିଲା ତାପମାତ୍ରା

ଢେଙ୍କାନାଳ ସହରରେ ସୋମବାର ଅସହ୍ୟ ତାତି ଅନୁଭୂତ ହୋଇଛି। ରବିବାର ତାପମାତ୍ରା ୪୧.୮ ଡିଗ୍ରୀ ରହିଥିଲା ବେଳେ ସୋମବାର ପାରଦ ବୃଦ୍ଧି ପାଇ ୪୩.୨ ଡିଗ୍ରୀ ହୋଇଛି। ଫଳରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବାରୁ ସହରବାସୀଙ୍କ ଚିନ୍ତା ବଢିବାରେ ଲାଗିଛି। ଜିଲା ପ୍ରଶାସନ ପକ୍ଷରୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବାହାରକୁ ନ ବାହାରିବା ପାଇଁ ସତର୍କ କରାଯାଇଛି। ସୋମବାର ସକାଳ ୮ଟାରୁ ପ୍ରବଳ ଖରା ସାଧାରଣ ଜୀବନକୁ ଅସ୍ତବ୍ୟସ୍ତ କରିପକାଇଥିଲା। ସକାଳୁ ରାତି ଯାଏ ଗରମ ପବନ ସହରବାସୀଙ୍କୁ ଅତିଷ୍ଠ କରିଦେଇଥିଲା। ଏପରି ତାତି ଆହୁରି ୪।୫ ଦିନ ଧରି ରହିବ ବୋଲି ସୂଚନା ଦିଆଯାଇଥିବାରୁ ଏହାକୁ ଦେଖି ସାଧାରଣ ଲୋକ ଅଧିକ ଚିନ୍ତିତ ହୋଇପଡିଛନ୍ତି। ତାପମାତ୍ରା ବଢୁଥିବା ବେଳେ ଅଘୋଷିତ ବିଦ୍ୟୁତକାଟ୍ ବେଡି ଉପରେ କୋରଡା ସଦୃଶ ହୋଇଛି। ପ୍ରାୟ ୧୦।୨୦ ମିନିଟରେ ବିଦ୍ୟୁତ୍ ବିଭ୍ରାଟ ହେଉଥିବାକୁ ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗ୍ରୀଷ୍ମ ପ୍ରବାହ ପୂର୍ବରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ଭିତ୍ତିଭୂମି ସଜଡାଯାଇ ନ ଥିବା ବେଳେ ଅଧିକାଂଶ ସ୍ଥାନରେ ପୁରୁଣା ଟ୍ରାନ୍ସଫର୍ମର ଓ ଖୁଣ୍ଟକୁ ବଦଳାଯାଇ ନାହିଁ। ସମସ୍ୟାର ସମାଧାନ ପାଇଁ ଜନ ପ୍ରତିନିଧି ଓ ପ୍ରଶାସନିକ କ୍ଷେତ୍ରରେ କୌଣସି ପ୍ରକାର ଆନ୍ତରିକତା ପ୍ରକାଶ ପାଉ ନ ଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି।



ଗ୍ରୀଷ୍ମପ୍ରବାହ ଯୋଗୁ ଢେଙ୍କାନାଳ ସହର ଶୁନଶାନ।

# ଏନ୍‌ଏସି ପକ୍ଷରୁ ଜବରଦଖଲ ଉଚ୍ଛେଦ



ଏନ୍‌ଏସି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ଭୁବନ,୧୨।୬(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି କାର୍ଯ୍ୟାଳୟ ପଛପାର୍ଶ୍ୱରୁ ସୋମବାର ଜବରଦଖଲ ଉଚ୍ଛେଦ କରାଯାଇଛି। ତେବେ ଉଚ୍ଛେଦ ସମୟରେ ସେଠାରେ ପାଚେରି ନିର୍ମାଣ କରିଥିବା ହୃଦାନନ୍ଦ ଗୋଛାୟତଙ୍କ ପରିବାର ଏହାକୁ ବିରୋଧ କରିଥିଲେ। ହୃଦାନନ୍ଦଙ୍କ ବାପା ପହିଲି ଗୋଛାୟତ ୧୯୭୭ ମସିହାରେ ଉକ୍ତ ସରକାରୀ ଜାଗାରେ ରହୁଥିଲେ। ଇତିମଧ୍ୟରେ ହୃଦାନନ୍ଦ ଉକ୍ତ ଜାଗାକୁ ନିଜ ଅଧୀନକୁ ନେବା ପାଇଁ ସରକାରଙ୍କୁ ଆବେଦନ କରିଛନ୍ତି। ଏହାକୁ ନେଇ ମାମଲା କୋର୍ଟରେ ବିଚାରାଧୀନ ରହିଛି। ତେବେ ଏନ୍‌ଏସି ପକ୍ଷରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ତହସିଲଦାର ଅଂଶୁମାନ ମହାପାତ୍ର, କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେ, ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ, ଥାନା ଅଧିକାରୀ ସୌଭାଗ୍ୟ କୁମାର ସାଇଁଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ, ୮ ଜଣ ଅଫିସର ଓ ଏନ୍‌ଏସିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଉଚ୍ଛେଦ ସମୟରେ ହୃଦାନନ୍ଦଙ୍କ ପରିବାର ଲୋକେ ଜେସିବି ମେଶିନ ଆଗରେ ଶୋଇରହି ବିରୋଧ ପ୍ରଦର୍ଶନ କରିଥିଲେ। ପୋଲିସ ସେମାନଙ୍କୁ ଅଟକ ରଖିଥିଲା। କିଛି ସମୟ ପରେ ହୃଦାନନ୍ଦ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ଭୁବନ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା।

## ଧୁ ଧୁ ଖରାରେ ଖଟିଲେ ଶ୍ରମିକ

ଏନ୍‌ଏସି ପକ୍ଷରୁ ଜବରଦଖଲ ଉଚ୍ଛେଦ ପରେ ସେଠାରେ ପାଚେରି ନିର୍ମାଣ କରାଯାଇଛି। ହେଲେ ଧୁ ଧୁ ଖରାରେ ଶ୍ରମିକମାନଙ୍କୁ କାମ କରାଯିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୧ଟା ପରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ଲଗା ନ ଯିବାକୁ ସରକାରଙ୍କ ନିର୍ଦ୍ଦେଶ ଥିବାବେଳେ ମାଜିଷ୍ଟ୍ରେଟ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତି ସତ୍ତ୍ୱେ ଶ୍ରମିକମାନଙ୍କୁ ନିର୍ଦ୍ଧୂମ ଖରାରେ କାର୍ଯ୍ୟରେ ଲଗାଯିବା ଆଲୋଚନାର ବିଷୟ ହୋଇଛି। ଏ ସମ୍ପର୍କରେ ଭୁବନ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ସହିତ ଯୋଗାଯୋଗ କରାଯିବାରୁ ଜିଲାପାଳଙ୍କ ଭିଡିଓ କନଫରେନ୍ସରେ ଥିବା କହି ସେ କୌଣସି ଉତ୍ତର ଦେଇ ନ ଥିଲେ।



ଟାଣ ଖରାରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ଲଗାଯାଇଛି।

